କଟକରେ ହରତାଳ

୧୬ ଜଣ ଗିରଫଦାର

କଟକରେ ଅସୀମ ଉତ୍ତେଜନା

ଗୋପବନ୍ଧୁ ଚୌଧୁରୀଙ୍କ ଗିରଫଦାର ହେତୁ କଟକରେ କାଲି ୯ ତାରିଖ ପୂର୍ଣ୍ଣ ହରତାଳ କରିବା ସ୍ଥିର ହୋଇଗଲା । ସକାଳ ପାଖ ବେଳକୁ ଅସଂଖ୍ୟ ଛାତ୍ର ସ୍କୁଲ କଲେଜ ଛାଡ଼ି ଦ୍ୱିତୀୟ ସୈନିକ ବାହିନୀର ପଛୁଆରେ ବାହାରିଲେ । ଜୋବ୍ରାଠାରେ ସେମାନଙ୍କୁ ବିଦାୟ ଦେଇ ଏକାଡେମି ରେଭେନ୍‌ସା ପ୍ରଭୃତିର ପ୍ରାୟ ୩୦୦ ଛାତ୍ର ମହାନଦୀ କୂଳରେ ଏକ ସଭା କଲେ । ଶ୍ରୀଯୁକ୍ତ ନବକିଶୋର ମହାନ୍ତି ଓ ଗିରିକିଶୋର ଦାସଙ୍କ ଉପସ୍ଥିତିରେ ଅଜି ପୂର୍ଣ୍ଣ ହରତାଳ ହେଉ ବୋଲି ସ୍ଥିର କରି ପ୍ରାୟ ୩୫୦ ଛାତ୍ର ଘନ ଘନ ଜୟଧ୍ୱନି କରି କଲେକ୍ଟରଙ୍କ କୋଠିବାଟେ ବକ୍‌ସିବଜାରକୁ ପହଞ୍ଚିଅର କର ଅସିଲେ । ସେଠାରେ ଦୋକାନମାନଙ୍କୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । କେବଳ ଶଲମୋରିଆ ଓ କୋହିନୂର ଛଡ଼ା ବାକି ସବୁ ଦୋକାନ ବନ୍ଦ ହୋଇଗଲା । ଶଲମୋରିଆ ଓ କୋହିନୂରକୁ ଦୋକାନ ବନ୍ଦ କରିବା ପାଇଁ ଅନୁରୋଧ କରିବାରେ କଟକର ଡି, ଏସ୍, ପି, ଗୁପ୍ତ ସାହେବ ଦାମୋଦର ରଥ ପିଲାମାନଙ୍କୁ ଧମକାଇଲେ । ଶ୍ରୀମାନ୍ ସରୋଜକୁମାର ଡି, ଏସ୍, ପିଙ୍କର ଏ ଉଦ୍ଧତଭାବ ଓ ବେ-ଆଇନ ବ୍ୟବହାରର ତୀବ୍ର ପ୍ରତିବାଦ କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଗିରଫ କରାଯାଇ ଛାଡ଼ି ଦିଆଗଲା । ପିଲାମାନେ ସେଠାରୁ ଏକାଡେମି ପର୍ଯ୍ୟନ୍ତ ଅସି ପହଞ୍ଚିଲାରୁ ସେ ସ୍କୁଲର ଶହ ଶହ ପିଲା ସେମାନଙ୍କ ସଙ୍ଗେ ଯୋଗ ଦେଲେ, ହଜାର ହଜାର ଲୋକ ମଧ୍ୟ ଆସି ସେମାନଙ୍କ ସଙ୍ଗେ ମିଶିଗଲେ । ସେମାନେ ଗୌରୀଶଙ୍କର ପାର୍କ ପାଖେ ପହଞ୍ଚିଲା ବେଳେ ୫ ଜଣ ପିଲାଙ୍କୁ ପୁଲିସ୍ ଗିରଫ୍ କରି ଗୋଟାଏ ଘୋଡ଼ା ଗାଡ଼ିରେ ନେଇଗଲେ । ଶହ ଶହ ବହୁତ ପିଲା 'ଆମକୁ ନିଅ' 'ଆମକୁ ନିଅ' ବୋଲି କହି ଗାଡ଼ିର ଚାରିଆଡ଼େ ଘେରିଗଲେ ଓ ଗାଡ଼ିରେ ବସିଗଲେ । ପୁଲିଶ ବ୍ୟସ୍ତ ହୋଇ ସେ ସମସ୍ତଙ୍କୁ ଛାଡ଼ିଦେଲା । ଶହ ଶହ ବିରାଟ ଜନସ୍ରୋତ ସ୍ୱରାଜ୍ୟ ପତାକା ଉଡ଼ାଇ ବାଲୁବଜାର, କଟକ କଲେକ୍ଟର କଚେରୀବାଟେ ନଈକୂଳେ ସତ୍ୟାଗ୍ରହ ଆଶ୍ରମ ଦେଇ ବାଖରାବାଦ ବାଟେ ପୁଣି ବକ୍‌ସିବଜାର ବୁଲିଲେ । ବକ୍‌ସିବଜାରଠାରେ ଡାକ୍ତର ଅଟଳବିହାରୀ ଏବଂ ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ ଯାଇ ପହଞ୍ଚିଲା ବେଳକୁ କଟକ ଖାସମହାଲ ଡେପୁଟୀ, ସବ୍‌ଡିଭିଜନ ଅଫିସର ଓ ଡି, ଏସ, ପି ଦାମୋଦର ରଥେ ଦୋକାନୀ ବାଲାଙ୍କୁ ଧମକାଇ ପିଲାମାନଙ୍କୁ ଭୟ ଦେଖାଉଛନ୍ତି । ପିଲାମାନେ ଗୋଳମାଳ କରୁଛନ୍ତି ଧମକାଇ କେତେଜଣଙ୍କୁ ଗିରଫ କରି ମୋଟରରେ ଉଠିକଲେ । ଲୋକଙ୍କ ଭିତରେ ଅଧିକ ଉତ୍ସାହ ଓ ଅଧିକ ଉତ୍ତେଜନା ଜାଗି ଉଠିଲା । ପଛୁଆରରେ ଥିବା ହଳଧର ବୈରାଗଞ୍ଜନ ପ୍ରଭୃତି ସେଠାରେ ଧରା ହେବାପାଇଁ ନିଜକୁ ଅର୍ପଣ କଲେ । ବୈରାଗଞ୍ଜନଙ୍କୁ ଧରି ବନ୍ଦୀ କରିଥିବା ସମସ୍ତଙ୍କୁ ଏକାବେଳକେ ଛାଡ଼ି ଚାଲିଗଲେ । ଏମାନଙ୍କ ମଧ୍ୟରୁ କେତେକ ମିଶନରୋଡ଼ ବାଟେ ମିଶନ ସ୍କୁଲ ପର୍ଯ୍ୟନ୍ତ ଧୀର ସ୍ଥିର ଭାବରେ ଯାଇଛନ୍ତି ପୁଲିସ ରଥେ ଆପଣେ ସେଠାରେ ଚଉଦଜଣଙ୍କୁ ହଠାତ୍ ଗିରଫ କଲେ । ସେମାନଙ୍କ ମଧ୍ୟରୁ ଆଠଜଣ ଛାତ୍ର ଏବଂ ୬ ଜଣ ସାଧାରଣ ଲୋକ ମାର୍କେଟଠାରେ ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟଙ୍କୁ ମଧ୍ୟ ଗିରଫକରି ସାକ୍ଷ୍ୟ ଅଭାବରୁ ଛାଡିଦେଲେ । ପ୍ରଥମେ ଧରା ହୋଇଥିବା ୧୪ ଜଣଙ୍କ ମଧ୍ୟରୁ ମିଶନସ୍କୁଲର ଦୁଇଛାତ୍ର ବଳରାମ ଚୌଧୁରୀ, ଗଦାଧର ଶତପଥୀ, ପୋଗୋଜ ସ୍କୁଲର କୈଳାସଚନ୍ଦ୍ର ମହାନ୍ତି, ସାରସ୍ୱତ ପ୍ରେସର ଦୁଇଜଣ କମ୍ପୋଜିଟର, ଶ୍ରୀ ସୋମନାଥ ମିଶ୍ର, ନବୀନ କୁମାର ଗୁପ୍ତ, ଏକାଡେମିର ଅର୍ତ୍ତବନ୍ଧୁ ମହାପାତ୍ର, ଭୁବନାନନ୍ଦ ସାହୁ, ହୃଦାନନ୍ଦ ଷଣ୍ଢିଆ, ଯୁଧିଷ୍ଠିର କାନନଗୋ ତାଙ୍କ ଛଡ଼ା ନବକିଶୋର ପରିଡ଼ା, ଜ୍ଞାନାନନ୍ଦ ଜେନା, ପ୍ରଭୁ ଚରଣ ସାହୁ (ଉତ୍କଳ ମୋହରିର) ଏମାନଙ୍କୁ ଜାମିନରେ ଛାଡ଼ିବା ପାଇଁ କହିଲେ ସୁଦ୍ଧା ସେମାନେ ରାଜି ହେଲେନାହିଁ । ଏମାନେ ହାଜତରେ ଅଛନ୍ତି । ଏମାନଙ୍କୁ ଦେଖିବାପାଇଁ ହଜାର ହଜାର ଲୋକ ଥାନା ଚାରିପଟେ ଘେରି ଯାଇଥିଲେ । ସନ୍ଧ୍ୟାବେଳେ ଏମାନଙ୍କୁ ଜେଲଖାନାକୁ ପଠାଗଲା । ଏଥି ମଧ୍ୟରେ କାଠଯୋଡ଼ି ହଷ୍ଟେଲର କେତେ ପିଲା ଅଛନ୍ତି ।

ସ୍କୁଲରେ ତାଣ୍ଡବଲୀଳା

କଟକରେ ପୂର୍ଣ୍ଣ ହରତାଳ ହୋଇଥିଲା । ରେଭେନ୍‌ସା... କରେ ଏକାବେଳକେ ତାଲା ପଡ଼ି ଯାଇଥିଲା । ...ମେନାର ଏକାଡେମିରେ ୨୦-୨୫ ଜଣ କରି ପିଲା ... । କଲେଜିଏଟ୍‌ରେ ପ୍ରାୟ ୭୦ ସବୁକ ପଢ଼ିଥିଲେ । ...ଙ୍କୁ ଏବଂ ସ୍କୁଲକୁ ଯେତେବେଳେ କଲେଜିଏ... ମାନେ ହରତାଳ କରି ବାହାରି ଅସିଲେ ... ସାହେବ ସେମାନଙ୍କୁ ଗୋଡ଼ାଇ ପଠେଇଲ ବସିଲେ । ପିଲାମାନେ ବୁଲ ପନ୍ତ ସାହେବଙ୍କୁ ପଛଆଡ଼ ଦେଖାଇ ଥିଲେ । ହେଡମାଷ୍ଟର ବାବୁ ଶଚୀ ଗୁପ୍ତ ସାହେବଙ୍କ ସଙ୍ଗେ ବୋର୍ଡିଂରେ ପିଲାମାନଙ୍କୁ ଧମକାଇ ସ୍କୁଲକୁ ଫିଙ୍ଗିବାକୁ ବାଧ୍ୟ କଲେ । ଅନେକ ନ ମାନିବାରୁ ସେମାନଙ୍କୁ ଭଦ୍ର ଲୋକର ପୁଅ ନୁହ ବୋଲି କହି ଜିନିସ ପତ୍ର ଫିଙ୍ଗାଇ ଦେଲେ । ପିଲାମାନେ ବାହାରି ଅସି ହରତାଳରେ ଯୋଗ ଦେଇଥିଲେ । ମଧୁବାନନ୍ଦ ଜେନା ଓ ବିନୋଦ ବିହାରୀ କାନୁନଗୋ ଦୁଇଜଣ ବୃତ୍ତିଧାରୀ ଉଚ୍ଚଶ୍ରେଣୀର ଭଲଛାତ୍ରଙ୍କୁ ସସ୍‌ପେଣ୍ଡ କରାଯାଇଛି ଏବଂ ଆଉ କେତେକ ବୃତ୍ତିଧାରୀଙ୍କର ବୃତ୍ତି କାଟିଦିଆ ଯାଉଛି ଏବଂ କୋଡ଼ିଏ ଜଣ ପିଲାଙ୍କର କଲେଜିଏଟ ସ୍କୁଲରୁ ନାମ କାଟି ଦିଆ ଯାଇଛି । ବୋର୍ଡିଂର ବର୍ତ୍ତମାନ ପିଲାମାନଙ୍କୁ ତାଲା ପକାଇ ବାହାରର ବନ୍ଦ କରା ଯାଇଛି । କାଠଯୋଡ଼ି ହଷ୍ଟେଲର ପୂଜାରୀମାନେ ଦିନେ ହରତାଳ କରି ରୋଷାଇ କରି ନଥିଲେ ।

ପୁଣି ଗିରଫଦାର

୯ ତାରିଖ ସନ୍ଧ୍ୟାରେ ଯେ କଂଗ୍ରେସ ସଭା ହେଲା ସେ ସଭା ଶେଷରେ ପୁଲିସ ୧୪ ବର୍ଷବୟସ୍କ ଏକାଡେମି ଥାର୍ଡ଼ କ୍ଲାସର ଦେହଲିଚରଣ ପଣ୍ଡାଙ୍କୁ ପୁଣି ଗିରଫ୍ କଲେ । ଆହମେଦ କେମ୍ବୁଙ୍କ ଉପରକୁ କଏ ବାଲି ମୁଠାଏ ଫିଙ୍ଗିବାରୁ ଏହାଙ୍କୁ ଗିରଫ୍ କରା ଯାଇଛି । ଯେ ପିଲା ମଧ୍ୟ ଜାମିନ ନ ଦେଇ ହାଜତରେ । ସେ ପିଲାର ଅଜି ମାଧବ ବାବୁଙ୍କ କୋର୍ଟରେ ବିଚାର ହେଉଛି ।

କଲେଜରେ ହରତାଳ

ରେଭେନ୍‌ସା କଲେଜ ଆଇନ କ୍ଲାସର ପିଲାମାନେ ପରଦିନ ପୂର୍ଣ୍ଣ ହରତାଳ କରିଥିଲେ । ୮୦ ଜଣ ଛାତ୍ର ମଧ୍ୟରୁ ମୋଟେ ୪ ଜଣ ଉପସ୍ଥିତ ଥିଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲରେ ଧର୍ମଘଟ

ସେନାପତି ଗୋପବନ୍ଧୁ ଚୌଧୁରୀଙ୍କ ଗିରଫଦାରର ପ୍ରତିବାଦ କରି ବାଲେଶ୍ୱର ଜିଲ୍ଲା ସ୍କୁଲର ପିଲାମାନେ ୯ତାରିଖ ଦିନ ସ୍କୁଲକୁ ଯାଇ ନ ଥିଲେ । ପୁରା ହରତାଳ ହୋଇଥିଲା ।

ପୁରୀରେ ହରତାଳ

ସେନାପତି ଗୋପବନ୍ଧୁ ଚୌଧୁରୀଙ୍କ ଗିରଫ୍ ର ୧୦ ତାରିଖ ଦିନ ପୁରୀରେ ପୂର୍ଣ୍ଣ ହରତାଳ ହୋଇଥିଲା । ସନ୍ଧ୍ୟା ୭ ଟା ବେଳେ ସିଂହଦ୍ୱାରରେ ବିରାଟ ସଭା ହୋଇଥିଲା । ପ୍ରାୟ ହଜାରେ ସହର ଲୋକ ଉପସ୍ଥିତ ହୋଇଥିଲେ । ବାବୁ ଚନ୍ଦ୍ରମଣି ମିଶ୍ର ସଭାପତି ହୋଇଥିଲେ ।

ହରତାଳ ମକଦ୍ଦମା

ଗତ କାଲି ସହରରେ ହରତାଳ ଫଳରେ ଯେଉଁ ୧୪ ଜଣ ଛାତ୍ର ବାହାରର ଲୋକ ଧରା ଯାଇଥିଲେ ଅଜି ବିଚାରରେ ସେମାନଙ୍କ ମଧ୍ୟରୁ ନଅଜଣ ଛାତ୍ର, ଜଣେ ଉତ୍କଳ ମୋହରିର ଓ ଜଣେ କମ୍ପୋଜିଟରଙ୍କୁ ତାକିଦ୍ କରି ଛାଡ଼ି ଦିଆଗଲା । ବାକି ତିନି ଜଣଙ୍କୁ ପଚିଶିଟଙ୍କା ଲେଖାଏଁ ଜରିମାନା ନ ଦେଲେ ସାତ ଦିନ ଲେଖାଏଁ ଜେଲଦଣ୍ଡ ହେଲା ।

ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ କାଲି ରାତିରେ ଗିରଫ ହୋଇଥିଲେ । ତାଙ୍କ ମକଦ୍ଦମାର ବିଚାରରେ ତାଙ୍କୁ ତିନି ଦଫାରେ ମୋଟ ଏକଶହ ଟଙ୍କା ଜରିମାନା ନ ଦେଲେ ଦୁଇ ହପ୍ତା ଜେଲଦଣ୍ଡ ହୋଇଛି । କିନ୍ତୁ ପ୍ରକୃତରେ ତାଙ୍କୁ ଏକ ସପ୍ତାହ ଭୋଗିବାକୁ ହେବ ।

ବିଲାତରେ ତ୍ରିଶୂଳ

ଜାପାନ, ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଇଟାଲି ମିଶି ଯେଉଁ ନୌସନ୍ଧି କରିବାର କଥା ହେଉଥିଲା, ସେ କଥା ନ ହେଲା । ଏବେ ପୁଣି କେବଳ ଅମେରିକା ଇଂଲଣ୍ଡ, ଜାପାନଙ୍କ ଭିତରେ ଗୋଟାଏ ସନ୍ଧି କରିବାର ଯୋଗାଡ଼ ହେଉଛି ।

ବିଦେଶର ସହାନୁଭୂତି

ଲଣ୍ଡନ ତାର ସମ୍ବାଦରୁ ପ୍ରକାଶ ଯେ ଫ୍ରାନ୍ସ, ଡେନମାର୍କ, ଜର୍ମାନୀ, ହଲଣ୍ଡ, ଇଟାଲି ରୁଷିଆ ପ୍ରାୟ ପ୍ରତ୍ୟେକ ଦେଶରେ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଖୁବ ଆଲୋଚନା ହେଉଛି । ଭାରତୀୟ ଯୁଦ୍ଧର ବିବରଣୀ ସବୁ ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଉଛି । ଜର୍ମାନୀ, ଫ୍ରାନ୍ସ, ଡେନମାର୍କ ପ୍ରଭୃତିର ଲୋକେ ଭାରତୀୟ ସ୍ୱାଧୀନତା ପ୍ରତି ଜାଣିବା ପାଇଁ ଭାରି ଆଗ୍ରହ ଦେଖାଉଛନ୍ତି । ସେମାନଙ୍କର ସବୁ ପୂର୍ଣ୍ଣ ସହାନୁଭୂତି ଅଛି । ରୋମର ଖ୍ରୀଷ୍ଟିଆନ ଧର୍ମ ଯାଜକ ଦଳ ସବୁ ଭାରତ ସ୍ୱାଧୀନ ହେଉ ଏବଂ ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଶାନ୍ତିରେ ରହନ୍ତୁ ବୋଲି କହୁଛନ୍ତି ।

ସହରରେ

ସାତହଜାର ଲୋକ

କଟକରେ ଇସ୍କୁଲ ଛାତ୍ର ଓ ଲୋକ ସାଧାରଣଙ୍କ ଉତ୍ସାହ ଉତ୍ତେଜନା

୯ । ୪ । ୩୦
ସନ୍ଧ୍ୟା ୭ ।

ଅଜି କଟକ ସହରରେ ଯେ ଉତ୍ସାହ ଓ ଉତ୍ତେଜନା ସ୍ରୋତ ବହୁଛି ୧୯୨୧ ଅସହ-ଯୋଗ ଆନ୍ଦୋଳନ ପରେ ଏହି ପ୍ରଥମ । ସମସ୍ତେ ଏକ ପ୍ରାଣ ଏକ ଭାବରେ ମାତି ଉଠିଛନ୍ତି । ଗନ୍ଧଘାଟ ନଈ ବାଲିରେ ଏକ ସଭା ହେବ ବୋଲି ଆଗରୁ ସହରରେ ଜଣାଇ ଦିଆ ଯାଇଥିଲା । ପ୍ରାୟ ପାଞ୍ଚଟା ବେଳକୁ ଅସଂଖ୍ୟ ଜନସ୍ରୋତ, ସ୍କୁଲ କଲେଜ ଛାତ୍ର, ଉକିଲ ମୁକ୍ତାର, ସ୍କୁଲ ମାଷ୍ଟ୍ର, ବେପାରୀ ସାଧାରଣ ଲୋକ ନଈ ବାଲି ଅଡ଼କୁ ଗତି କରିବାର ଦେଖାଗଲା । ଶହ ଶହ ଘଣ୍ଟାକ ମଧ୍ୟରେ ହଜାର ହଜାର ଲୋକ ଜମା ହୋଇଗଲେ । ଥରେ ବନ୍ଧୟାକ ମୃଣ୍ମୟମାଳାର ଦୃଷ୍ଟି ହୋଇଗଲା । ମହାତ୍ମାଗାନ୍ଧୀଙ୍କ ଜୟ ଶବ୍ଦରେ ଆକାଶ ପବନ ଥରି ଉଠିଲା । ବେଳେ ବେଳେ ୭ ହଜାର ଲୋକଙ୍କୁ ଆସ୍ତୃତ୍ତ କରି ବକ୍ତୃତା ଶୁଣାଇବା ବକ୍ତାମାନଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଥିଲା ।

ପଣ୍ଡିତ ନୀଳକଣ୍ଠ ଦାସ ସଭାପତି ଆସନ ଗ୍ରହଣ କଲେ । ସଭାର ଉଦ୍‌ବୋଧନରେ ସେ ସ୍ପଷ୍ଟ ପ୍ରାଞ୍ଜଳ ଭାଷାରେ ବୁଝାଇ କହିଲେ ଯେ ମହାତ୍ମାଜୀଙ୍କ ଏ ଯୁଦ୍ଧ ଧର୍ମଯୁଦ୍ଧ । ଏଥିରେ ବକ୍ତୃତା ଲୋଡ଼ା ନାହିଁ, କଳ୍ପନା ଦରକାର ନାହିଁ, କେବଳ ଲୋଡ଼ା କର୍ମ ! ମହାତ୍ମା ଗାନ୍ଧୀ ନିତାନ୍ତ ଦରିଦ୍ର ବେଶରେ ଦରିଦ୍ରର ମୁକ୍ତି ପାଇଁ ସେ ସମୁଦ୍ର କୂଳରେ ଅଜି ଜୟ ପତାକା ଟେକିଛନ୍ତି । ଏତେବେଳେ ଦେଶର କୌଣସି ଲୋକ ଘରେ ଚୁପ ହୋଇ ବସି ରହିବା ଅଧର୍ମ, ପାପ । ସମସ୍ତେ ଆସି ଏ ସତ୍ୟ ଯୁଦ୍ଧରେ ଯୋଗ ଦିଅ ।

ଏହାଙ୍କ ପରେ ବାବୁ ଚନ୍ଦ୍ରମଣି ମିଶ୍ର ଏକ ବକ୍ତୃତା ଦେଲେ । ଶ୍ରୀଯୁତ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ସ୍ୱାଙ୍କ ଉପରେ ୧୦୪ ଧାରା ଜାରୀ ହୋଇଥିଲା । ଅଜି ଚନ୍ଦ୍ରମଣି ସେହି ଆଇନଭଙ୍ଗ କଲେ ଏବଂ କଲେଜର ସମ୍ପର୍କ ତ୍ୟାଗ କରିଛନ୍ତି ବୋଲି ବ୍ୟକ୍ତ କଲେ । ଶ୍ରୀଯୁତ କୃଷ୍ଣଚନ୍ଦ୍ର ପ୍ରଧାନ ଉଠି ଉତ୍କଳର ପ୍ରଥମ ସେନା ବାହିନୀର ଜୟଯାତ୍ରାର ବିବରଣ, ମଫସଲରେ ଲୋକଙ୍କ ଅଗ୍ରହ ଉତ୍ସାହ ଏବଂ ଶ୍ରୀଯୁତ ଗୋପବନ୍ଧୁଙ୍କ ଗିରଫ ବିବରଣ ବିଷୟରେ କେତେକ ବିଷୟ ଜଣାଇଲେ । ଏହା ପରେ ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ ଉଠିଲେ । ଅଜି ହରତାଳ ଫଳରେ ସହରରେ କପରି ଉତ୍ସାହ ଉତ୍ତେଜନା ବଢ଼ିଛି, ସ୍କୁଲ ଛାତ୍ରମାନେ କପରି ମନ ପ୍ରାଣ ଦେଇ ନେତାଙ୍କ ଆଦେଶ ମାନିଛନ୍ତି, ସେମାନଙ୍କ ଉପରେ କପରି ଅନ୍ୟାୟ ଅତ୍ୟାଚାର ହୋଇଛି ଇତ୍ୟାଦି ବିଷୟରେ କେତେକ କଥା ବର୍ଣ୍ଣନା କରି କହିଲେ । ପରଶେଷରେ ସଭାପତି ମହାଶୟଙ୍କର ବକ୍ତୃତା ହେଲା । ଏ ଦେଶର ଲୁଣ ବ୍ୟବସାୟ ସରକାର ଦ୍ୱାରା କପରି ଧ୍ୱଂସ ହୋଇଛି ସେ ବିଷୟରେ ପ୍ରାଞ୍ଜଳଭାବରେ ବୁଝାଇ ସେ କହିଲେ ଯେ ଏ ସତ୍ୟାଗ୍ରହ ଯୁଦ୍ଧରେ ସେ ଜଣେ ସୈନିକ ହେବାକୁ ଇଚ୍ଛା କରି ଅଜି ବଡଲାଟ ସଭାରୁ ଏଠାକୁ ଆସିଛନ୍ତି । ଯୁବକମାନଙ୍କ ମୁହଁକୁ ଚାହିଁ ତାଙ୍କ ପ୍ରାଣ ପୂରି ଉଠୁଛି । ସେ ଇଚ୍ଛା କରନ୍ତି ଏ ଯୁଦ୍ଧରେ ଯୁବକ ଯଦି ତାଙ୍କ ବୁକୁ ଉପରେ ଗୁଳିଯିବାକୁ କହିବେ ସେ ହସି ହସି ବୁକୁ ଦେଖାଇ ଦେବେ ।

ପଣ୍ଡିତ ନୀଳକଣ୍ଠ ଦାସ ଏ ପର୍ଯ୍ୟନ୍ତ ବଡ଼ଲାଟ ସଭାରୁ ସଭ୍ୟ ପଦ ଛାଡି ନ ଥିଲେ ସୁଦ୍ଧା ଛାଡିବେ ବୋଲି ଆଶା ଦେଇଛନ୍ତି ।

ଚୌକୀଦାର ଓ ଦଫାଦାରଙ୍କ ଇସ୍ତଫା

ଗତ ଅପ୍ରେଲ ୮ ତାରିଖ କୁଳୁଙ୍ଗରେ ୨୧ ଜଣ ସତ୍ୟାଗ୍ରହୀ କଣ୍ଠାଇଠାରେ ପହଞ୍ଚିଲେ । ପିତ୍ତବଣିଠାରେ ଡାକ୍ତର ସୁରେଶ ବାନୁର୍ଜି ପ୍ରମୁଖ ସତ୍ୟାଗ୍ରହୀମାନେ ପୂର୍ବପରି ଲୁଣ ମାଇଲେ । ଅବକାରି ଇନ୍‌ସ୍ପେକ୍ଟର ଯାଇ ସେ ସବୁ ଭାଙ୍ଗିଦେଲେ । ସେମାନେ ପୁଣି ମାଇଲେ । ତାପରେ ଆଉ କେହି ବାଧା ଦେଲେନାହିଁ । ଜଣେ ଚୌକିଦାର ସେ ଗାଁର ଗୋଟିଏ ସ୍ତ୍ରୀଲୋକ ଲୁଣ ମାରୁଥିବାରୁ ତା ଘରେ ପଶି କୋଡ଼ଖଣ୍ଡ ନେଇଗଲା । ସ୍ତ୍ରୀଲୋକ ଯାଇ ସବ୍‌ଡିଭିଜନ ଅଫିସର, ପୋଲିସ ସାହେବ ଚୌକିଦାରଙ୍କୁ ମୋ କୋଡ଼ ଫେରାଇ ଦିଅ ବୋଲି ଦାବିକରି ମାଗିଲା । କେହି ତାହା କଥା ଶୁଣିଲେ ନାହିଁ କି ଦେଇ ଦେଲେ ନାହିଁ । ସେ କ୍ରମେ ଅଧିକ ପାଟି ଆରମ୍ଭ କରି ଉତ୍ତେଜିତ ହୋଇ ମାଗି ସମସ୍ତଙ୍କୁ ଅଥୟ କଲା । ହାକିମଙ୍କ ଭିତରେ କ କଥାବାର୍ତ୍ତା ହେଲା କେଜାଣି ଚୌକିଦାର ସଙ୍ଗେ ସଙ୍ଗେ ସେ ସ୍ତ୍ରୀ ଲୋକକୁ କୋଡ଼ ଫେରାଇ ଦେଇ କ୍ଷମାପ୍ରାର୍ଥନା କରି ଚାକିରୀ ଇସ୍ତଫା ଦେଲା । ସଙ୍ଗେ ସଙ୍ଗେ ସତ୍ୟାଗ୍ରହୀରେ ନାମ ଲେଖାଇ ଲୁଣ ମାରିଲା ।

କଟକରେ ଛାତ୍ର ଜାଗରଣ

ଆହମେଦସାହେବ ଡେପୁଟିଙ୍କ ପ୍ରତି ହିଂସା ଆଚରଣର ତୀବ୍ର ପ୍ରତିବାଦ

କାଲି ସନ୍ଧ୍ୟା ୭ଟାରେ କାଠଯୋଡ଼ି ବାଲି ଗାନ୍ଧି ଘାଟରେ ପୁଣି ଏକ ବିରାଟ ସଭା ହୋଇଥିଲା । ଓକିଲ ଶ୍ରୀଯୁକ୍ତ କୃପାସିନ୍ଧୁ ପଟ୍ଟନାୟକ, ବାବୁ ନନ୍ଦକୃଷ୍ଣ ଚୌଧୁରୀ, ଗିରିକିଶୋର ଦାସ, ବନ୍ଧୁୟୁଦ ଜମିଦାର ଶ୍ରୀ କୃଷ୍ଣଚନ୍ଦ୍ର ଘୋଷ, ଶ୍ରୀ ମହାଦେବ ପ୍ରସାଦ ମାରୁଆଡ଼ି, ଶ୍ରୀମତୀ ମାଳତୀ ଦେବୀ, ଉତ୍କଳ ଶ୍ରୀଯୁକ୍ତ ସତ୍ୟନାରାୟଣ ସେନଗୁପ୍ତଙ୍କ ମା ଓ ତାଙ୍କ କନ୍ୟା, ପଣ୍ଡିତ କୃପାସିନ୍ଧୁ ହୋତା, ବାବୁ ରାଜକୃଷ୍ଣ ବୋଷ, ଶ୍ରୀଯୁକ୍ତ କିଶୋର-ମୋହନ କୁଅଁରଦାର ପ୍ରଭୃତି ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ମିଶ୍ର ସଭାପତି ହେଲେ । ସଭାରେ ସେ ପ୍ରଥମେ ସଭାପତି ନିମ୍ନଲିଖିତ ମର୍ମରେ ପ୍ରସ୍ତାବ ଆଗତ କଲେ—ଜାତି, ଧର୍ମ ନିର୍ବିଶେଷରେ ଭାରତବାସୀ ଅହିଂସା ବଳରେ ଭାରତ ସ୍ୱାଧୀନତା ଲାଭ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି । ଅହିଂସା ହିଁ ଏ ଯୁଦ୍ଧର ମୂଳ ଭିତ୍ତି । କାଲି ଗତ ୯ ତାରିଖ ସଭାରେ କେହି ଜଣେ ଅଜ୍ଞ ଦୁଃଶୀଳ ଲୋକ ଡେପୁଟି ଶ୍ରୀଯୁକ୍ତ ଅହମେଦସାହେବଙ୍କ ଉପରେ ଯେତେ ସାମାନ୍ୟ ଭାବରେ ହେଲେ ହିଁ ସୁଦ୍ଧା ଆଘାତ କରିଥିବାରୁ ଏ ଲୋକର ହିଂସା ଭାବାପନ୍ନ ଏ କାର୍ଯ୍ୟଦ୍ୱାରା ଦେଶର ଅନ୍ଦୋଳନରେ ସମୂହ କ୍ଷତି ହେଉଛି ବୋଲି ଏ ସଭାର ମତ ଏବଂ ଏ ସଭା ଉକ୍ତ ଦୁଃଶୀଳ ଲୋକର କାର୍ଯ୍ୟର ଘୋର ନିନ୍ଦାବାଦ କରୁଅଛି ।

ଶ୍ରୀଯୁକ୍ତ ଗୋବିନ୍ଦ ମିଶ୍ର କହିଥିଲେ ପୂର୍ବରୁ ଏଠାରେ କେତେ ସଭା ହେଲାଣି । କିନ୍ତୁ ଏପରି ଉତ୍ତେଜନାରେ କେବେ ସଭା ହୋଇ ନଥିଲା । ଅଜି ନିଜେ ନିଜ କାର୍ଯ୍ୟରେ ନିନ୍ଦାବାଦ କରିବା ପାଇଁ ଏ ସଭା ହୋଇଛି ମହାତ୍ମାଙ୍କ ପ୍ରବର୍ତ୍ତିତ ଏ ଯୁଦ୍ଧ ପୂର୍ଣ୍ଣ ଅହିଂସା ଉପରେ ପ୍ରତିଷ୍ଠିତ । ଏ ଯୁଦ୍ଧକୁ ମହାତ୍ମାଙ୍କ ପରି ଲୋକ ଲୋଡ଼ନ୍ତି ଯେଉଁମାନେ କାୟମନୋବାକ୍ୟରେ ପୂର୍ଣ୍ଣ ଅହିଂସା ଆଚରଣ କରିବେ । କିନ୍ତୁ ଗତ ୯ ତାରିଖ ସଭାର ଜଣେ କେହି ଦୁଷ୍ଟ ଲୋକ ବାଲି ପକାଇ ଦେଇ ଏ ପବିତ୍ର ଓ ଅହିଂସା ମାତ୍ରର ଘୋର ବିରୁଦ୍ଧାଚରଣ କରିଛି । ଯେଉଁମାନେ ଗୁପ୍ତରେ ଏ ଶାସନର ଅତ୍ୟାଚାରରେ ସାହାଯ୍ୟ କରୁଛନ୍ତି ସେମାନଙ୍କ ପ୍ରତି ବ୍ୟକ୍ତିଗତ ଭାବରେ କ୍ରୋଧ ଆଚରଣ ନ କରି ସେମାନଙ୍କୁ ନିଜର ସଦ୍‌ବ୍ୟବହାର, ସାଧୁତା ଏବଂ ନିଜର ପ୍ରେମ ଦ୍ୱାରା ବଶ କରିବା ଉଚିତ । ଆମ୍ଭମାନଙ୍କୁ ଏପରି ଭାବରେ କାର୍ଯ୍ୟ କରିବାକୁ ହେବ ଏବଂ ଅବସ୍ଥା ସୃଷ୍ଟି କରିବାକୁ ହେବ ଯହିଁରେ ସେ ସରକାର କର୍ମଚାରୀମାନଙ୍କର ଏ ଶାସନ ତନ୍ତ୍ର ପ୍ରତି ବିରକ୍ତି ଓ ଘୃଣା ଜନ୍ମିଯିବ । ସେମାନେ ତା ଛଡ଼ି ଅମ୍ଭମାନଙ୍କ ସହିତ ଯୁଦ୍ଧରେ ମିଶିଯିବେ । କିନ୍ତୁ ଯେଉଁମାନେ ଏପରି ହିଂସା ଆଚରଣ କରି ଏ ଆନ୍ଦୋଳନର ମହତ୍ତ୍ୱ ନଷ୍ଟ କରୁଛନ୍ତି ଓ ଆନ୍ଦୋଳନରେ ବାଧା ଦେବାକୁ ବସିଛନ୍ତି ସେମାନଙ୍କୁ ଶତବାର, ସହସ୍ରବାର ଧିକ୍କାର କରିବାର ଅଛି ।"

ଶ୍ରୀମତୀ ମାଳତୀ ଦେବୀ ମହିଳାମାନଙ୍କ ତରଫରୁ ଏ ପ୍ରସ୍ତାବ ସମର୍ଥନ କରିଥିଲେ । ତା ପରେ ରାଜକୃଷ୍ଣ ବୋଷ କହିଥିଲେ ।

ତା ୧୦ ରିଖରେ ଡାକ୍ତର ଅଟଳବିହାରୀ ପ୍ରମୁଖ ଗୃହଜଣଙ୍କୁ ଯେ ଦଣ୍ଡ ଦିଆଯାଇଛି ଏବଂ ପିଲାମାନଙ୍କୁ ଗିରଫ କରି ଯେ ଛାଡିଦିଆଯାଇଛି ସେଥିରେ, ସେ ସମସ୍ତଙ୍କୁ ସାଧାରଣ ପକ୍ଷରୁ ବୀରତ୍ୱ ଓ ସାହସପାଇଁ ଧନ୍ୟବାଦ ଦେଇ ଶାନ୍ତିରକ୍ଷା ନାମରେ ଏ ଯେ ସବୁ ଜୁଲମ ହେଉଛି ତାର ତୀବ୍ର ପ୍ରତିବାଦ କରିଥିଲେ ।

ସ୍କୁଲ କର୍ତ୍ତୃପକ୍ଷମାନେ ପିଲାମାନଙ୍କ ପ୍ରତି ଯେ ଅତ୍ୟାଚାର କରୁଛନ୍ତି, ପିଲାମାନଙ୍କର ସାହସ ଓ ସ୍ୱଦେଶ ପ୍ରୀତିକୁ ଭାଙ୍ଗି ଚୂନା କରିବାପାଇଁ ଯେ ଷଡଯନ୍ତ୍ର ହେଉଛି ତାହାର ତୀବ୍ର ସମାଲୋଚନା କରିଥିଲେ । ଇନ୍‌ସପେକ୍ଟରଙ୍କ ଘରେ କପରି ସବୁ ହେଡ଼ମାଷ୍ଟରଙ୍କର ଗୁପ୍ତ ମନ୍ତ୍ରଣା ଚାଲିଛି ତାହା ସେ କହିଥିଲେ । ଛାତ୍ରମାନଙ୍କୁ ସ୍ୱଦେଶ ପ୍ରୀତି ଓ ସ୍ୱଦେଶ ପ୍ରେମ ଦେଖାଇବାକୁ ସ୍ୱାଧୀନତା ନ ଦେଇ ସେମାନଙ୍କ ପ୍ରତି ନାନାପ୍ରକାର ଦୁର୍ବ୍ୟବହାର କରି ସୁଦ୍ଧା ସେମାନଙ୍କୁ ଦବାଇ ନ ପାରି ଶେଷରେ ଗ୍ରୀଷ୍ମ ଛୁଟି ବା ଅନ୍ୟ ଛୁଟି ବାହାନାରେ ସେମାନଙ୍କୁ ବାହାର କରିଦେବେ ବୋଲି ବିଚାର କରୁଛନ୍ତି । ଏହାଦ୍ୱାରା କର୍ତ୍ତୃପକ୍ଷ ଯେ ପରାସ୍ତ ହେଲେ ଏ କଥା ଜଣାପଡ଼ୁ ନାହିଁ କି ? ଛାତ୍ରମାନେ ପ୍ରତ୍ୟେକେ ଜାଣିଥିବ, ପଢ଼ିଥିବ ଏବଂ ଶୁଣିଥିବ ରୁଷ, ଚୀନ, ଇଂଲଣ୍ଡ, ଜର୍ମାନୀ ପ୍ରଭୃତି ରାଜ୍ୟର ଯୁଦ୍ଧରେ ସ୍କୁଲ କଲେଜରେ ପାଠ ବନ୍ଦକରି ପ୍ରାଣ ପ୍ରାୟଶ୍ଚିତ୍ତ ହୋଇ ଲାଗି ଯାଇଥିଲେ । ଛାତ୍ରମାନେ ! ଦେଶର ଏ ସଙ୍କଟ ଯୁଦ୍ଧବେଳେ ତୁମ୍ଭେମାନେ ସେ ଆଦର୍ଶରେ ମାତି ଉଠ । ସ୍କୁଲ ହଷ୍ଟେଲ ବନ୍ଦକଲେ ତୁମ୍ଭେମାନେ ଶହ ଶହ ସଂଖ୍ୟାରେ ଆଶ୍ରମ ପୂର୍ଣ୍ଣ କରି, ଘର ଆଡ଼କୁ ମୁହଁ ନ କରି ଜନନୀ ଜନ୍ମଭୂମିଙ୍କ ଆଡ଼କୁ ମୁହଁ କର । ଦେଖନ୍ତୁ କର୍ତ୍ତାମାନେ ସ୍କୁଲର ଯୁବକ କିଛି ବୁଝେ, ବା ପୁରୁଷ ବୁଝେ ।

ଯୁବକର ଦୀପ୍ତ ବହ୍ନି

ହାକିମପଞ୍ଚ ଛଟପଟ, ଭକ୍ତଙ୍କ କରୁଣ ସ୍ତୁତି

କଟକରେ ଗତ ତା ୧୦।୧୧ ରିଖ ଇନ୍‌ସ୍ପେକ୍ଟର ସାହେବଙ୍କ ଘରେ ହେଡ଼ମାଷ୍ଟର ଚାରିଜଣଙ୍କର ମନ୍ତ୍ରଣା ସଭା ବସିଥିଲା । ସ୍କୁଲ ପିଲାଙ୍କ ଉତ୍ସାହ ଓ ଉତ୍ତେଜନା ଦେଖି ସେମାନଙ୍କ ଛାତି ଧଡ଼ଧଡ଼ ହେଉଛି । ମାଡ ଚକଟି ସେମାନଙ୍କୁ ଦଳ ଦେବାପାଇଁ ଯେ ଉଦ୍ୟମ କରୁଥିଲେ ସେଥିର ବିପରୀତ ଫଳ ଦେଖି ଅନେକଙ୍କର ମୁହଁ କଳା ପଡ଼ଯାଇଛି । ଅଉ ସହ୍ୟ ଅମେ ପାରିବା ନାହିଁ ସ୍କୁଲ ବନ୍ଦ କରି ଦେଲେ ଛାଡ଼ନ୍ତିଅ, ଏଠାରୁ ଲୋକଙ୍କ ଘୋ ବୋଲି ଏମାନେ ବିଚାର କରିଛନ୍ତି । ଆସନ୍ତା ୧୫ ତାରିଖ ଠାରୁ ସ୍କୁଲ ସବୁ ବନ୍ଦ ହୋଇଯିବ ।

କଲେଜିଏଟ୍ ସ୍କୁଲ ହେଡ଼ମାଷ୍ଟର ବାବୁ ... ଏବେ କେତେ ପିଲାଙ୍କୁ ଭଲାଇ ସେମାନଙ୍କ ... ଗୋଟାଏ ଲେଖାଏଁ ଦୁଃଖ ପ୍ରକାଶ କରାଇ ପୁଣି ନା ଲେଖାଇ ଦେଉଛନ୍ତି । ଯେ କେତେକଙ୍କୁ ଭଦ୍ରଲୋକର ପିଲା ନୁହ ବୋଲି କହିଥିଲେ, ସେମାନଙ୍କ ପାଖେ କ୍ଷମା ପ୍ରାର୍ଥନା କରି ସଭା ସମିତିରେ ଯୋଗ ଦେବା ପାଇଁ ପିଲାଙ୍କୁ ଅଧିକାର ଦେଇ ଦେଲେ ବୋଲି ଶୁଣାଯାଏ ।

ଭକ୍ତଙ୍କ ପ୍ରାର୍ଥନା

ଅଜି ତା ୧୨ ରିଖ ସକାଳେ ଏକାଡେମି ସ୍କୁଲକୁ ଓଡ଼ିଶା ବିଭାଗ ସ୍କୁଲ ଇନ୍‌ସ୍ପେକ୍ଟର ଭବନାଥ ବାବୁ, ଶ୍ରୀଯୁକ୍ତ ଧ୍ରୁବକାନ୍ତ ରାଓ, ଓ ସାଇମନ ଲକ୍ଷ୍ମୀ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଏବଂ ଆମମାନଙ୍କ ଏଣ୍ଡ୍ରୋ ସାହେବ ଓ କାଶୀଚରଣ ପଟ୍ଟନାୟକ ପିଲାଙ୍କୁ ବୁଝାଇବାପାଇ ଯାଇଥିଲେ । ପିଲାଙ୍କ ଭିତରେ ସେମାନଙ୍କର ଯାହା କଥାବାର୍ତ୍ତା ହେଲା ସେଥିରେ ପିଲା ତାଙ୍କୁ ବୁଝାଇଲେ କି ସେ ପିଲାଙ୍କୁ ବୁଝାଇଲେ କିଛି ଜଣା ପଡ଼ୁନାହିଁ । ସରକାରୀ ଅନୁଷ୍ଠାନର ଏ ଭକ୍ତଙ୍କ ମଧ୍ୟରୁ ଇନ୍‌ସ୍ପେକ୍ଟର ବାବୁ କହିଲେ "ପିଲାଏ ! ତମେ ଦରିଦ୍ର ପୁଅ, ତୁମେ ଏଥିରେ ମାତ ନାହିଁ । ୧୯୨୧ ରେ ପଳାଇ ଯାଇଥିଲ, ପୁଣି ଅସି ପଶିଲ । ନିଜ ନିଜ ଗାଁକୁ ଯାଇ ସ୍ୱଦେଶ କାର୍ଯ୍ୟକର । ଦେଶରେ ପଇସା ନେବା ପାଇଁ ଖେଳଣା ତିଆରି କର, ଅଉ ଲଢେଇରେ ମାତ ନାହିଁ ।" ଭକାରୀ ବାବୁ କହିଲେ "ଏଣ୍ଡ୍ରୋ ପୋଲ୍କି ... କାହିଁ ।" ପିଲା ଜବାବରେ କହିଲେ "ଗଲା ଜର୍ମାନ ଯୁଦ୍ଧବେଳେ ଇଂଲଣ୍ଡର ପିଲାମାନେ ଯେପରି ପାଠ ପଢ଼ା ବନ୍ଦ କରି ଯୁଦ୍ଧରେ ଲାଗିଗଲେ ଅମେ ସେପରି କଲେ ତେବେ ପାଠ ପଢ଼ା ବନ୍ଦ କରି ନ ଲାଗିବୁ କାହିଁକି ?" ଇନ୍‌ସପେକ୍ଟର କହିଲେ "ତୁମର ସେପରି ଶିକ୍ଷା ନାହିଁ ।" ପିଲାଙ୍କ ଭିତରୁ କେହି କେହି କହିଲେ "ହେନେସିଙ୍କର କେତେଟା ଗୁରୁପା ଥିଲା, କେତେ ସେଥିରୁ ଛାଡପତ୍ର ପାଇଲେ ଅମକୁ ତ ଏହି କଥା ଦେଲ । ଅମେ ଅଉ ଯୁଦ୍ଧ ବୁଝିବୁ କଣ, ଶିଖିବୁ ? ବୁଝର ପୂର୍ବର ଅତ୍ୟାଚାର ଅମ୍ଭେମାନେ କଣ ନାହୁଁ ?" ଇନ୍‌ସପେକ୍ଟର କହିଲେ "ତୁମ୍ଭେ କିଛି ପଢ଼ିନାହିଁ । ଅଜି ଏଥିରେ ମାତି ଗଲଯିବ । ତୁମେ କାଲି ଅସି ହାତ ଯୋଡ଼ି ଛଡ଼ାହେବ ।" ଜଣେ ପିଲା ଉତ୍ତର ଦେଲେ "ଅମେ ଯେବେ ଯାଉଛୁ, ଯୁଦ୍ଧ ସଫଳ ନ ହେବା ପର୍ଯ୍ୟନ୍ତ ଫେରିବୁ ନାହିଁ ।" ପିଲାମାନଙ୍କର ଉତ୍ତେଜନା ଓ ବନ୍ଦେ ମାତରଂ ଶବ୍ଦରେ ଏମାନେ ଯେ ନିରାଶ ହୋଇଛନ୍ତି ସନ୍ଦେହ ନାହିଁ । ଶେଷରେ କହିଲେ "ଯାହା କରୁଛ କର, ଗୋଳମାଳ କର ନାହିଁ ।" ଏହା କହି ସେମାନେ ଚାଲିଆସିଲେ । ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି କଣ କହିଲେ କିଛି ଜଣାପଡ଼ି ନାହିଁ ।

ପ୍ରିନ୍‌ସପାଲ ଅଡର୍ସ

ରେଭେନ୍‌ସା କଲେଜର ବାର୍ଷିକ ପରୀକ୍ଷା ... ଶନିବାର ଶେଷ ହୋଇଅଛି । କଲେଜ ଆସନ୍ତା ଶୁକ୍ରବାରଠାରୁ ବନ୍ଦ ହେବାର କଥା । ... ସାହେବ ନୋଟିସ ଦେଇଅଛନ୍ତି ଯେ କଲେଜ କ୍ଲାସ ହେବ ନାହିଁ । ପିଲା ଶୀଘ୍ର ଘରକୁ ପଳାଇବେ ଏଥିପାଇଁ ସାହେବ ବିଶେଷ ତତ୍ପର । ସେ ନୋଟିସ ଦେଇଛନ୍ତି ଇଚ୍ଛା କଲେ ପରୀକ୍ଷା ସରିବା ସଙ୍ଗେ ସଙ୍ଗେ ଯାଇପାରନ୍ତି । ପରୀକ୍ଷା-ଫଳ ଛାତ୍ରମାନଙ୍କର ଘର ଡାକରେ ପଠାଇ ଦିଆଯିବ । ହଷ୍ଟେଲ ସୁପରିମାନେ ମଧ୍ୟ ପିଲାମାନଙ୍କୁ କସନ୍ ମନ ... ଶୀଘ୍ର ଘରକୁ ଚାଲିଯିବାକୁ କହୁଛନ୍ତି । ପିଲେ ... ରହିଲେ କାଳେ ହରତାଳ ବା ଅନ୍ୟ ଗୋଳମାଳ କରିବେ ଏହି ଭୟରେ ପ୍ରିନ୍‌ସ୍‌ ଏ ପ୍ରକାର ହୁକୁମ ଦେଇଥିବାର ଶୁଣାଯାଏ ।

ବାଲେଶ୍ୱରକୁ ପୁଲିଶ ଫୌଜ

କାଲି ୧୨ ତାରିଖ ରାତିରେ କଟକରୁ ପ୍ରାୟ ୫୦ ଜଣ ପୁଲିଶ ବେଟନ ବନ୍ଧୁକ ଧରି ବାଲେଶ୍ୱର ଯାତ୍ରା କରିଛନ୍ତି । ଅଗରୁ ଏକ ଦଳ ଯାଇଥିବାର ଜଣା ମିଳେ ।